## ପ୍ରେସ୍ ନୋଟ୍

# ଆସନ୍ତା ୧୧ ତାରିଖରେ ଚତୁର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ ।

ଅନୁଗୋଳ, ତା.୦୯.୧୨:- ଆସନ୍ତା ୧୧ ତାରିଖରେ ଅନୁଗୋଳ, ତାଳଚେର, ଆଠମଲ୍ଲିକ, ପାଲଲହଡା,ଛେଣ୍ଡିପଦା ଓ ବଆଁରପାଳ ସ୍ଥିତ ସମସ୍ତ ଅଦାଲତ ଗୁଡିକରେ ୪ର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବାକୁ ଯାଉଛି । ଏହି ଲୋକ ଅଦାଲତରେ ପ୍ରାୟ ସମସ୍ତ ପ୍ରକାରର ବିଚାରାଧିନ ମୋକଦ୍ଦମା ଯଥା-ଫୌଜଦାରୀ (ସାଲିସ ଯୋଗ୍ୟ),ଚେକ୍ ବାଉନସ ମାମଲା, ବ୍ୟାଙ୍କ ଋଣ ମାମଲା,ମୋଟର ଦୁର୍ଘଟଣାଜନିତ କ୍ଷତିପୁରଣ, ଶ୍ରମ ଓ ନିଯୁକ୍ତି ବିବାଦ, ବିଦ୍ୟୁତ୍, ଜଳ ଓ ଅନ୍ୟାନ୍ୟ ବିଲ୍ ଦେୟ ଜନିତ ବିବାଦ (ସାଲିସ ବିହିନ ବିବାଦକୁ ବାଦ ଦେଇ),ବୈବାହିକ ବିବାଦ (ଛାଡପତ୍ର ବ୍ୟତିତ),ଜମି ଅଧିଗ୍ରହଣ,ଚାକିରୀ ସମ୍ବନ୍ଧୀୟ(ଦରମା,ଭତ୍ତା ଓ ଅବସରକାଳିନ ପ୍ରାପ୍ୟ) ଓ ଅନ୍ୟାନ୍ୟ ଦେୱାନୀ ମୋକଦ୍ଦମା ଇତ୍ୟାଦିର ଆପୋଶ ସହମତିରେ ସମାଧାନ କରାଯାଇପାରିବ । ଏହାସହିତ ପ୍ରାକ ମୋକଦ୍ଦମା ସ୍ତରୀୟ (କଚେରୀରେ ଦାୟର ହୋଇନଥିବା) ମାମଲା ତଥା ଚେକ୍ ବାଉନସ୍ ମାମଲା, ବ୍ୟାଂକ ଋଣ ବିବାଦ,ଶ୍ରମ ଓ ନିଯୁକ୍ତି ବିବାଦ, ବିଦ୍ୟୁତ୍, ଜଳ ଓ ଅନ୍ୟାନ୍ୟ ବିଲ୍ ଦେୟ ଜନିତ ବିବାଦ (ସାଲିସ ବିହିନ ବିବାଦକୁ ବାଦ ଦେଇ), ଭରଣପୋଷଣ ବିବାଦ, ଅନ୍ୟାନ୍ୟ ସାଲିସ ଯୋଗ୍ୟ ଫୌଜଦାରୀ ଓ ଅନ୍ୟାନ୍ୟ ଦେୱାନି ମୋକଦ୍ଦମା ଇତ୍ୟାଦିର ସମାଧାନ ମଧ୍ୟ ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ହୋଇପାରିବ । ସବିଶେଷ ବିବରଣୀ ନିମନ୍ତେ ଆଇନ୍ ସେବା ପ୍ରାଧିକରଣ,ଅନୁଗୋଳ ଓ ତାଲୁକ୍ ଆଇନ୍ ସେବା କମିଟି ତାଳଚେର, ଆଠମଲ୍ଲିକ, ପାଲଲହଡା ଓ ଛେଣ୍ଡିପଦା ସହିତ ଯୋଗାଯୋଗ କରନ୍ତୁ ।